# NATIONAL NEWS BULLETIN (ODIA)
## 9 May - 2024
## Morning Bulletin : 7.15 A.M.

**********************************

## ମୁଖ୍ୟ ସମ୍ବାଦ

- ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ରାଷ୍ଟ୍ରପତି ଭବନରେ ପ୍ରଦାନ କରିବେ ଦ୍ୱିତୀୟ ପର୍ଯ୍ୟାୟ ପଦ୍ମ ପୁରସ୍କାର।
- ଆନ୍ଧ୍ରପ୍ରଦେଶର ରାଜମପେଟ ଲୋକସଭା ନିର୍ବାଚନ ମଣ୍ଡଳୀରେ ଏକ ସାଧାରଣ ସଭାରେ ଉଦ୍‌ବୋଧନ ଦେଲେ ବରିଷ୍ଠ ବିଜେପି ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି।

– ଆସନ୍ତାକାଲି ପ୍ରଧାନମନ୍ତ୍ରୀଙ୍କ ଦୁଇଦିନିଆ ଓଡ଼ିଶା ଗସ୍ତ ।

- ଦିଲ୍ଲୀର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଦିଆଙ୍କ ବିଚାର ବିଭାଗୀୟ ହେପାଜତ ଆସନ୍ତା ୨୧ ତାରିଖକୁ ବୃଦ୍ଧି ।
- ଏନ୍‌ଆଇଏ ଜୈସ-ଇ-ମହମ୍ମଦ ଆତଙ୍କବାଦୀ ଗୋଷ୍ଠୀର ଜଣେ ମୁଖ୍ୟଙ୍କର ୬ଟି ସ୍ଥାବର ସମ୍ପତ୍ତିକୁ କଲା ଜବତ ।

ଏବଂ

- ଆଇପିଏଲ୍ କ୍ରିକେଟ୍‌ର ଗତକାଲିର ମ୍ୟାଚ୍‌ରେ ଲକ୍ଷ୍ନୌ ସୁପର ଜ୍ୟାଣ୍ଟସ୍' ସନ୍‌ରାଇଜର୍ସ ହାଇଦ୍ରାବାଦ୍ ଠାରୁ ୧୦ ଓ୍ୱିକେଟ୍‌ରେ ପରାସ୍ତ ।

# ପ୍ରେଜ୍-ପଦ୍ମଆଓ୍ୱାର୍ଡ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ରାଷ୍ଟ୍ରପତି ଭବନରେ ଦ୍ୱିତୀୟ ପର୍ଯ୍ୟାୟ ପଦ୍ମ ପୁରସ୍କାର ପ୍ରଦାନ କରିବେ।

ଦେଶର ଅନ୍ୟତମ ସର୍ବୋଚ୍ଚ ବେସାମରିକ ପୁରସ୍କାର ପଦ୍ମ ବିଭୂଷଣ, ପଦ୍ମଭୂଷଣ ଏବଂ ପଦ୍ମଶ୍ରୀ ଭଳି ତିନୋଟି ବର୍ଗରେ ପ୍ରଦାନ କରାଯାଏ । କଳା, ସାମାଜିକ କାର୍ଯ୍ୟ, ବିଜ୍ଞାନ ଓ ଇଞ୍ଜିନିୟରିଂ, ବାଣିଜ୍ୟ ଓ ଉଦ୍ୟୋଗ, ଔଷଧ, ସାହିତ୍ୟ ଓ ଶିକ୍ଷା, କ୍ରୀଡ଼ା ଓ ପ୍ରଶାସନିକ ସେବା ସମେତ ବିଭିନ୍ନ ବିଭାଗ ଓ କାର୍ଯ୍ୟକ୍ଷେତ୍ରରେ ଉତ୍କର୍ଷ ପ୍ରତିପାଦନ କରିଥିବା ବ୍ୟକ୍ତିବିଶେଷଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଥାଏ। ପ୍ରତିବର୍ଷ ସାଧାରଣତନ୍ତ୍ର ଦିବସ ଅବସରରେ ଏହି ପୁରସ୍କାର ଘୋଷଣା କରାଯାଏ । ରାଷ୍ଟ୍ରପତି ଗତ ମାସ ୨୨ ତାରିଖରେ ୩ଟି ପଦ୍ମବିଭୂଷଣ, ୮ଟି ପଦ୍ମଭୂଷଣ ଏବଂ ୫୫ଟି ପଦ୍ମଶ୍ରୀ ପୁରସ୍କାର ପ୍ରଦାନ କରିଥିଲେ ।

# ପିଏମ୍

ବରିଷ୍ଠ ବିଜେପି ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗତକାଲି ଆନ୍ଧ୍ରପ୍ରଦେଶର ରାଜମପେଟ ଲୋକସଭା ନିର୍ବାଚନ ମଣ୍ଡଳୀରେ ଏକ ସାଧାରଣ ସଭାକୁ ସମ୍ବୋଧନ କରିଥିଲେ। ଖଣି ଓ ଖଣିଜ ପଦାର୍ଥଠାରୁ ଆରମ୍ଭ କରି ଭବ୍ୟ ମନ୍ଦିର, ପ୍ରତିଭାବାନ କୃଷକଙ୍କଠାରୁ ଆରମ୍ଭ କରି ବୁଦ୍ଧିମାନ ଯୁବକ, ପର୍ଯ୍ୟଟନ ସମ୍ଭାବନାଠାରୁ ଆରମ୍ଭ କରି ଶିଳ୍ପ ପର୍ଯ୍ୟନ୍ତ ବିଭିନ୍ନ କ୍ଷେତ୍ରରେ ରଲୟାସିମାରେ ପ୍ରଚୁର ସୁଯୋଗ ରହିଛି ବୋଲି ସେ କହିଥିଲେ। ଏହା ସତ୍ତ୍ୱେ ୱାଇ.ଏସ୍.ଆର୍. କଂଗ୍ରେସ ସରକାରଙ୍କ ଅବହେଳା ଯୋଗୁଁ ଏହି ଅଞ୍ଚଳରେ କୌଣସି ବିକାଶ ହୋଇପାରୁନାହିଁ ବୋଲି ସେ ଅଭିଯୋଗ କରିଥିଲେ। ସେ କହିଥିଲେ, ଏନ୍‌ଡିଏ କ୍ଷମତାକୁ ଆସିଲେ ରାୟଲସୀମାକୁ ସଫଳତାର ନୂତନ ଶିଖରରେ ପହଞ୍ଚାଇବ ଏବଂ ଆନ୍ଧ୍ରପ୍ରଦେଶ ରାଜ୍ୟର ବିକାଶ ଅଧିକ ତ୍ୱରାନ୍ୱିତ ହେବ । ସେହିଭଳି ଜଳସେଚନ ପ୍ରକଳ୍ପ, ପନିପରିବା ଓ ଖାଦ୍ୟ ପ୍ରକ୍ରିୟାକରଣ ୟୁନିଟ୍ ପାଇଁ ସ୍ୱତନ୍ତ୍ର ଷ୍ଟୋରେଜ୍ କ୍ଲଷ୍ଟର ପ୍ରତିଷ୍ଠା କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ।

ପରେ ଶ୍ରୀ ମୋଦୀ ବିଜୟୱାଡାରେ ଏକ ରୋଡ୍ ସୋ'ରେ ଅଂଶଗ୍ରହଣ କରିଥିଲେ । ଏଥିରେ ତେଲୁଗୁ ଦେଶମ ପାର୍ଟି ମୁଖ୍ୟ ଏନ୍. ଚନ୍ଦ୍ରବାବୁ ନାଇଡୁ ଏବଂ ଜନସେନା ମୁଖ୍ୟ କେ. ପୱନ କଲ୍ୟାଣ ଯୋଗ ଦେଇଥିଲେ ।

# ପିଏମ୍-ଓଡ଼ିଶା

ବିଜେପିର ବରିଷ୍ଠ ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସି ଭୁବନେଶ୍ୱରଠାରେ ରୋଡ଼ ଶୋ' କାର୍ଯ୍ୟକ୍ରମରେ ଯୋଗଦେବେ। ଶ୍ରୀ ମୋଦୀଙ୍କ ରୋଡ୍‌ଶୋ' ମାଷ୍ଟରକ୍ୟାଣ୍ଟିନ୍ ଛକରୁ ବାଣୀବିହାର ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ।

# ଗଡ଼କରୀ-ବିଶ୍ୱଶର୍ମା

ବିଜେପିର ବରିଷ୍ଠ ନେତା ତଥା କେନ୍ଦ୍ରମନ୍ତ୍ରୀ ନୀତିନ ଗଡକରୀ ଆଜି ନିର୍ବାଚନ ପ୍ରଚାର ନେଇ ଓଡ଼ିଶା ଗସ୍ତରେ ଆସିବେ। ସେ ଭୁବନେଶ୍ୱରରେ ପହଞ୍ଚିବା ପରେ ପୁରୀ ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିବେ। ଅପରାହ୍ଣ ୩ଟାରେ କୃଷ୍ଣପ୍ରସାଦ ଏବଂ ୪ଟା ୧୫ ମିନିଟ୍‌ରେ ପିପିଲିଠାରେ ଜନସଭାକୁ ସମ୍ବୋଧିତ କରିବା ସହ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିବାର କାର୍ଯ୍ୟକ୍ରମ ରହିଛି।

ସେହିପରି ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ଆଜି ପୂର୍ବାହ୍ଣ ୧୦ଟା ୩୦ରେ ମାଲକାନଗିରି ଜିଲ୍ଲା କାଲିମେଳାରେ ନିର୍ବାଚନୀ ସଭାରେ ଯୋଗଦେବେ । ସେ ମଧ୍ୟାହ୍ନ ୧୨ଟା ୧୦ରେ ଚିତ୍ରକୋଣ୍ଡାଠାରେ ଏବଂ ଅପରାହ୍ଣ ୩ଟାରେ ଆସ୍କା ଲୋକସଭା ଅନ୍ତର୍ଗତ ଖଲିକୋଟଠାରେ ଜନସଭାରେ

ଯୋଗଦେବେ ବୋଲି ବିଜେପି ରାଜ୍ୟ ଉପସଭାପତି ଗୋଲକ ମହାପାତ୍ର ସୂଚନା ଦେଇଛନ୍ତି ।

## ଇସିଆଇ-ସ୍ପେଶାଲ୍ ପୋଲିଂ ବୁଥ୍

ଦିଲ୍ଲୀରେ ରହୁଥିବା କାଶ୍ମୀର ପ୍ରବାସୀଙ୍କ ପାଇଁ ବ୍ୟକ୍ତିଗତ ଭାବେ ମତାଧିକାର ସାବ୍ୟସ୍ତ କରିବା ଲକ୍ଷ୍ୟରେ ଭାରତୀୟ ନିର୍ବାଚନ ଆୟୋଗ (ଇସିଆଇ) ନୂଆଦିଲ୍ଲୀର ବିଭିନ୍ନ ସ୍ଥାନରେ ସ୍ୱତନ୍ତ୍ର ପୋଲିଂ ବୁଥ୍ ପ୍ରତିଷ୍ଠା କରିଛନ୍ତି ।

ଆକାଶବାଣୀ ଜମ୍ମୁ ସମ୍ବାଦଦାତାଙ୍କ ସୂଚନା ଅନୁଯାୟୀ, ଏହି ସ୍ୱତନ୍ତ୍ର ବୁଥ୍ ଗୁଡ଼ିକରେ ମତଦାନ କରିବାକୁ ଯୋଗ୍ୟ କାଶ୍ମୀର ପ୍ରବାସୀ ପାଇଁ ମାଗଣାରେ ପରିବହନ ସୁବିଧା ଯୋଗାଇ ଦେବାକୁ ନିର୍ବାଚନ ଆୟୋଗ ନିର୍ଦ୍ଦେଶ ଦେଇଛନ୍ତି । କାଶ୍ମୀର ପ୍ରବାସୀ ଭୋଟରଙ୍କୁ ଆବଶ୍ୟକ ସମର୍ଥନ ଓ ସହାୟତା ଯୋଗାଇଦେବା ଲାଗି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଇଛି ।

ଏହା ସହିତ ନିର୍ବାଚନ ଆୟୋଗଙ୍କ ଏହି ପଦକ୍ଷେପ ପାଇଁ ଜନସଚେତନତା ବୃଦ୍ଧି ଲାଗି ରାଜଧାନୀରେ କାଶ୍ମୀର ପ୍ରବାସୀ ଭୋଟରଙ୍କ ପାଇଁ ଏକାଧିକ ଶିବିର ଓ ସଭାର ଆୟୋଜନ କରାଯାଇଛି ।

# ସିସୋଦିଆ କଷ୍ଟୋଡି

ଦିଲ୍ଲୀର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଦିଆଙ୍କ ବିଚାର ବିଭାଗୀୟ ହେପାଜତକୁ ଆସନ୍ତା ୨୧ ତାରିଖ ପର୍ଯ୍ୟନ୍ତ  ବୃଦ୍ଧି କରାଯାଇଛି । ରାଉଜ୍ ଆଭେନ୍ୟୁ କୋର୍ଟ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଦ୍ୱାରା ତଦନ୍ତ କରାଯାଉଥିବା ଅବକାରୀ ନୀତି ମାମଲାରେ ଏହି ଆଦେଶ ଦେଇଛନ୍ତି । ପୂର୍ବରୁ ପ୍ରଦାନ କରାଯାଇଥିବା ନ୍ୟାୟିକ ହେପାଜତର ଅବଧି ସରିବା ପରେ ଗତକାଲି ଭିଡିଓ କନଫରେନ୍ସିଂ ମାଧ୍ୟମରେ ସିସୋଦିଆଙ୍କୁ ଅଦାଲତରେ ହାଜର କରାଯାଇଥିଲା । ମାମଲାର ଶୁଣାଣି କରି ସ୍ୱତନ୍ତ୍ର ବିଚାରପତି କାବେରୀ ବାୱେଜା ସିସୋଦିଆଙ୍କ ହେପାଜତ ଅବଧି ବୃଦ୍ଧି କରିଛନ୍ତି ।

ଅନ୍ୟ ଏକ ମାମଲାରେ ଗତକାଲି ଅଦାଲତ ଅବକାରୀ ନୀତି ଦୁର୍ନୀତି ମାମଲାରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଦ୍ୱାରା ଦାୟର ମାମଲାରେ ସିସୋଦିଆଙ୍କ ବିଚାର ବିଭାଗୀୟ ହେପାଜତକୁ ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ଉଭୟ ମାମଲାରେ ସିସୋଦିଆ ଏବେ ବିଚାର ବିଭାଗୀୟ ହାଜତରେ ଅଛନ୍ତି।

# ଏନ୍‌ଆଇଏ

କଶ୍ମୀର ଆତଙ୍କବାଦୀ ଅନୁପ୍ରବେଶ ମାମଲାରେ ବେଆଇନ୍ ଘୋଷିତ ଜୈସ-ଇ-ମହମ୍ମଦ ଆତଙ୍କବାଦୀ ଗୋଷ୍ଠୀର ଜଣେ ମୁଖ୍ୟ ସଦସ୍ୟଙ୍କର ୬ଟି ସ୍ଥାବର ସମ୍ପତ୍ତିକୁ ଜାତୀୟ ତଦନ୍ତକାରୀ ଏଜେନ୍ସି (ଏନ୍‌ଆଇଏ) ଜବତ କରିଛି। ସ୍ୱତନ୍ତ୍ର ଅଦାଲତଙ୍କ ନିର୍ଦ୍ଦେଶକ୍ରମେ ପୁଲୱାମାର ମୀରପୋରାରେ ଆତଙ୍କବାଦୀ ଆସିଫ ଅହମ୍ମଦ ମଲିକଙ୍କ ସମ୍ପତ୍ତିକୁ ଏନ୍‌ଆଇଏ ଜବତ କରିଛି। ଆସିଫ୍ ଅହମ୍ମଦକୁ ଗତ ୨୦୨୦ ମସିହା ଜାନୁଆରୀ ମାସରେ ଗିରଫ କରାଯିବା ସହ ତା ପାଖରୁ ଅସ୍ତ୍ରଶସ୍ତ୍ର, ଗୋଳାବାରୁଦ ଏବଂ ବିସ୍ଫୋରକ ସାମଗ୍ରୀ ଜବତ କରାଯାଇଥିଲା। ବର୍ତ୍ତମାନ ଏହି ମାମଲାଟି ଜମ୍ମୁର ଏନ୍‌ଆଇଏ ସ୍ୱତନ୍ତ୍ର ଅଦାଲତରେ ବିଚାରାଧୀନ ରହିଛି ।

ଆତଙ୍କବାଦୀଙ୍କୁ ସହଯୋଗ ପ୍ରଦାନ କରିବା ଏବଂ ସୀମାପାରରୁ କାଶ୍ମୀରକୁ ଅନୁପ୍ରବେଶ ତଥା ଜୈଶ-ଇ-ମହମ୍ମଦର ଆତଙ୍କବାଦୀମାନଙ୍କ ଠାରୁ ଅସ୍ତ୍ରଶସ୍ତ୍ର ଓ ବିସ୍ଫୋରକ ସାମଗ୍ରୀ ରଖିବା ମାମଲା ସେ ଜଡ଼ିତ ଥିବା ଜଣାପଡ଼ିଛି । ବେଆଇନ କାର୍ଯ୍ୟକଳାପ (ନିରୋଧ) ଆଇନର ବ୍ୟବସ୍ଥା ଅନୁଯାୟୀ ଏନ୍‌ଆଇଏ ଜମ୍ମୁ-କଶ୍ମୀରରେ ବର୍ତ୍ତମାନ ସୁଦ୍ଧା ବିଭିନ୍ନ ଆତଙ୍କବାଦୀଙ୍କ ୧୦୯ଟି ସମ୍ପତ୍ତି ଜବତ କରିଛି।

# ଭାରତ-ବାଂଲାଦେଶ

ଭାରତର ବୈଦେଶିକ ସଚିବ ବିନୟ ମୋହନ କ୍ୱାତ୍ରା ଦୁଇ ଦିନିଆ ବାଂଲାଦେଶ ଗସ୍ତରେ ଗତକାଲି ଢାକାରେ ପହଞ୍ଚିଛନ୍ତି । ଏକ ସ୍ୱତନ୍ତ୍ର ବିମାନ ଯୋଗେ ଢାକାରେ ପହଞ୍ଚିବା ପରେ ତାଙ୍କୁ ବାଂଲାଦେଶ ବୈଦେଶିକ ମନ୍ତ୍ରଣାଳୟର ମହାନିର୍ଦ୍ଦେଶକ ଏ.ଟି.ଏମ୍. ରୋକେବୁଲ ହକ୍ ଏବଂ ବାଂଲାଦେଶରେ ଅବସ୍ଥାପିତ ଭାରତର ହାଇ କମିଶନର ପ୍ରଣୟ ବର୍ମା ସ୍ୱାଗତ କରିଥିଲେ ।

ବାଂଲାଦେଶର ବୈଦେଶିକ ମନ୍ତ୍ରୀ ମସୁଦ-ବିନ୍-ମୋମେନଙ୍କ ସହ ଦ୍ୱିପାକ୍ଷିକ ବୈଠକରେ ବୈଦେଶିକ ସଚିବ ରାଜନୈତିକ ଓ ନିରାପତ୍ତା, ଜଳ, ବାଣିଜ୍ୟ ଓ ପୁଞ୍ଜିନିବେଶ, ଶକ୍ତି ଓ ଶକ୍ତି, ପ୍ରତିରକ୍ଷା, ଯୋଗାଯୋଗ ଏବଂ ଉପ-ଆଞ୍ଚଳିକ ସହଯୋଗ ସମେତ ଦ୍ୱିପାକ୍ଷିକ ସମ୍ପର୍କର ବିଭିନ୍ନ ଦିଗ ଉପରେ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି। ଶ୍ରୀ କ୍ୱାତ୍ରା ବାଂଲାଦେଶର ବୈଦେଶିକ ମନ୍ତ୍ରୀ ହାସନ ମହମୁଦଙ୍କୁ ସାକ୍ଷାତ କରିବା ସହ ପ୍ରଧାନମନ୍ତ୍ରୀ ଶେଖ୍ ହସିନାଙ୍କୁ ତାଙ୍କ ସରକାରୀ ଗସ୍ତ ସମୟରେ ସୌଜନ୍ୟମୂଳକ ସାକ୍ଷାତ କରିବେ ବୋଲି ଜଣାପଡ଼ିଛି ।

# ଅମିତ ଶାହା

ବିଜେପି ନେତା ତଥା କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଗତ ସନ୍ଧ୍ୟାରେ ମହାରାଷ୍ଟ୍ରର ଜାଲନାରେ ଏକ ଜନସଭାକୁ ସମ୍ବୋଧନ କରିଛନ୍ତି। ଭାରତର ନିରାପତ୍ତା, ସମୃଦ୍ଧି ଏବଂ ବିଶ୍ୱ ସ୍ତରରେ ଖ୍ୟାତି ବୃଦ୍ଧି କରିବାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଭୂମିକା ଉପରେ ସେ ଆଲୋକପାତ କରିଥିଲେ। ଶ୍ରୀ ଶାହା ଆୟୁଷ୍ମାନ ଭାରତ ଯୋଜନା ଅଧୀନରେ ୮୦ କୋଟି ଗରିବ ନାଗରିକଙ୍କ ଜୀବନଧାରଣମାନର ଉନ୍ନତି, ଆବାସ, ଜଳ, ଗ୍ୟାସ ସଂଯୋଗ ଏବଂ ସ୍ୱାସ୍ଥ୍ୟସେବା ଭଳି ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଇବା ପାଇଁ ପ୍ରଧାନମନ୍ତ୍ରୀ ମୋଦୀଙ୍କ ପ୍ରୟାସ ଉପରେ ଆଲୋଚନା କରିଥିଲେ ।

ଶ୍ରୀ ଶାହା ମଧ୍ୟ ଇଣ୍ଡି ମେଣ୍ଟକୁ ସମାଲୋଚନା କରି କହିଛନ୍ତି, ଏଥିରେ ଏକ ସୁସଙ୍ଗତ ନୀତି, ଏଜେଣ୍ଡା କିମ୍ବା ନେତୃତ୍ୱର ଅଭାବ ରହିଛି। ମେଣ୍ଟର ପ୍ରମୁଖ ସଦସ୍ୟ କଂଗ୍ରେସ ୧୨ ଲକ୍ଷ କୋଟି ଟଙ୍କାର ଦୁର୍ନୀତିରେ ସମ୍ପୃକ୍ତ ଥିବା ସେ ଅଭିଯୋଗ କରିଛନ୍ତି। ଜାଲନା ଲୋକସଭା ନିର୍ବାଚନ ମଣ୍ଡଳୀରେ ଆସନ୍ତା ୧୩ ତାରିଖରେ ମତଦାନ ଅନୁଷ୍ଠିତ ହେବ ।

# ଫୋର୍ଥଫେଜ୍

ଚତୁର୍ଥ ପର୍ଯ୍ୟାୟ ଲୋକସଭା ନିର୍ବାଚନ ପ୍ରସ୍ତୁତି ନେଇ ନିର୍ବାଚନ ଆୟୋଗ ୩୫୪ ଜଣ ପର୍ଯ୍ୟବେକ୍ଷକଙ୍କ ସହ ସମୀକ୍ଷା କରିଛନ୍ତି। ଭିଡିଓ କନଫରେନ୍ସିଂ ଜରିଆରେ ଗତକାଲି ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ଚତୁର୍ଥ ପର୍ଯ୍ୟାୟରେ ଆସନ୍ତା ୧୩ ତାରିଖରେ ହେବାକୁ ଥିବା ମତଦାନକୁ ସ୍ୱଚ୍ଛ, ଅବାଧ ଓ ନିରପେକ୍ଷ ଭାବେ ସମ୍ପନ୍ନ କରିବାକୁ ମୁଖ୍ୟ ନିର୍ବାଚନ କମିଶନର ରାଜୀବ କୁମାର ନିର୍ଦ୍ଦେଶ ଦେଇଛନ୍ତି । ବିଶେଷ କରି ଗ୍ରୀଷ୍ମ ପ୍ରବାହର ମୁକାବିଲା ପାଇଁ ମତଦାନ କେନ୍ଦ୍ରଗୁଡ଼ିକରେ ସମସ୍ତ ସୁବିଧା ସୁନିଶ୍ଚିତ କରିବାକୁ ସେ ପର୍ଯ୍ୟବେକ୍ଷକମାନଙ୍କୁ ପରାମର୍ଶ ଦେଇଛନ୍ତି ।

# ଫାଇନାନ୍ସ କମିଶନ୍

ଷୋଡ଼ଶ ଅର୍ଥ ଆୟୋଗ ସାଧାରଣ ଜନତା ଏବଂ ସଂଗଠନଙ୍କ ଠାରୁ ସାଧାରଣ ଆଭିମୁଖ୍ୟ ଉପରେ ପରାମର୍ଶ ଓ ମତାମତ ଆହ୍ୱାନ କରିଛନ୍ତି। ଅର୍ଥ କମିଶନଙ୍କ କାର୍ଯ୍ୟ ସହ ଜଡିତ ଅନ୍ୟ କୌଣସି ପ୍ରସଙ୍ଗରେ ମଧ ପରାମର୍ଶ ପାଇଁ ଆହ୍ୱାନ ଦିଆଯାଇଛି । ଷୋଡ଼ଶ ଅର୍ଥ ଆୟୋଗର ୱେବସାଇଟ୍‌ରେ 'ପରାମର୍ଶ ପାଇଁ କଲ୍' ଅଧୀନରେ ମତାମତ ଦାଖଲ କରାଯାଇପାରିବ। ରାଷ୍ଟ୍ରପତିଙ୍କ ଦ୍ୱାରା ଡକ୍ଟର ଅରବିନ୍ଦ ପାନଗାରିଆଙ୍କ ଅଧକ୍ଷତାରେ ଷୋଡ଼ଶ ଅର୍ଥ ଆୟୋଗ ଗଠନ କରାଯାଇଛି।

# ଆଇପିଏଲ୍

ଆଇପିଏଲ୍ କ୍ରିକେଟ୍ର ଗତକାଲିର ମ୍ୟାଚ୍ରେ ସନ୍ରାଇଜର୍ସ ହାଇଦ୍ରାବାଦ୍’ ଲକ୍ଷ୍ନୌ ସୁପର ଜ୍ୟାଣ୍ଟସ୍କୁ ୧୦ ୱିକେଟ୍ରେ ପରାସ୍ତ କରିଛି । ହାଇଦ୍ରାବାଦ୍ର ରାଜୀବ ଗାନ୍ଧି ଆନ୍ତର୍ଜାତିକ ଷ୍ଟାଡିୟମ୍ରେ ଅନୁଷ୍ଠିତ ଏହି ମ୍ୟାଚ୍ରେ ଟସ୍ ଜିତି ଲକ୍ଷ୍ନୌ ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା । ନିର୍ଦ୍ଧାରିତ ୨୦ ଓଭରରେ ୪ ୱିକେଟ୍ ବିନିମୟରେ ୧୬୫ରନ୍ କରିବାକୁ ସକ୍ଷମ ହୋଇଥିଲା । ଦଳ ପକ୍ଷରୁ ଆୟୁଷ ବଦୋନି ୩୦ଟି ବଲ୍ରୁ ୫୫ରନ୍ର ଅପରାଜିତ ପାଳି ଖେଳିଥିଲେ ।

୧୬୬ରନ୍ର ବିଜୟଲକ୍ଷ୍ୟକୁ ସନ୍ରାଇଜର୍ସ ହାଇଦ୍ରାବାଦ୍ ୯ ଓଭର ୪ଟି ବଲ୍ରେ କୌଣସି ୱିକେଟ୍ ନ ହରାଇ ହାସଲ କରିଥିଲା । ଟ୍ରାଭିସ୍ ହେଡ୍ ୮୯ରନ୍ ଏବଂ ଅଭିଶେକ ଶର୍ମା ୭୫ରନ୍ ସଂଗ୍ରହ କରିଥିଲେ । ଟ୍ରାଭିସ୍ ହେଡ୍ଙ୍କୁ ପ୍ଲେୟାର୍ ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା ।

ଆଜି ପଞ୍ଜାବ କିଙ୍ଗସ୍’ ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ ମଧ୍ୟରେ ଧର୍ମଶାଳା ଠାରେ ସନ୍ଧ୍ୟା ସାଢ଼େ ସାତଟାରେ ମ୍ୟାଚ୍ ଖେଳାଯିବ ।